# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣି ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ୍ ରିପୋର୍ଟ

(କଟକ ସହର କଟକ ତହସିଲ ଅନ୍ତର୍ଗତ ୟୁନିଟ ନଂ-୨୩, ସାମନ୍ତସାହି ଏବଂ ୟୁନିଟ ନଂ- ୩୩, ବିସିନାବର ମୌଜାରେ କଟକ ସହରସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ )

## ବୈଧାନିକ ବ୍ୟବସ୍ଥା:

କଟକ ସହରସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ କଟକ ଜିଲ୍ଲାର ସଦର କଟକ ତହସିଲ ଅନ୍ତର୍ଗତ ମୌଜା- ୟୁନିଟ ନଂ-୨୩, ସାମନ୍ତସାହି ଏବଂ ୟୁନିଟ ନଂ-୩୩, ବିସିନାବର ଏ ୦.୦୯୯ ଡ଼ିସିମିଲି ବ୍ୟକ୍ତିଗତ ମାଲିକାନା ଭୂକ୍ତ ଜମି ଅଧିଗ୍ରହଣ ନିମନ୍ତେ ପୂର୍ତ୍ତ ଓ ରାସ୍ତା ନିର୍ମାଣ ବିଭାଗ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ମାନ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

ଅଧିସୂଚନା

| କ୍ର. ନଂ. | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧. | ସଦର କଟକ | ୟୁନିଟ ନଂ-୨୩, ସାମନ୍ତସାହି | ଏ ୦.୦୪୧ ଡ଼ିସିମିଲି | ୧୯୯୧୬ ତା. ୦୧.୦୬.୨୦୨୩ |
| ୨. | | ୟୁନିଟ ନଂ- ୩୩, ବିସିନାବର | ଏ ୦.୦୫୮ ଡ଼ିସିମିଲି | |
| | | ମୋଟ | ଏ ୦.୦୯୯ ଡ଼ିସିମିଲି | |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍ (ଏନ. ସି. ଡ଼ି ଏସ୍.) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍ ପଶ୍ଚାତ, ନବକୃଷ୍ଣ ଉନ୍ନୟନ କେନ୍ଦ୍ର (ଏନ. ସି. ଡ଼ି. ଏସ୍.), ରିସର୍ଚ ଏଣ୍ଡ ଆନାଲିସିସ କନସୋଲଟାଣ୍ଟସ (ଆର.ଏ.ସି ) ସହିଦନଗର, ଭୁବନେଶ୍ୱର ଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ ଜୀବିକା ଆୟର ପନ୍ଥା., ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡ଼ି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍. ଆଇ. ଏମ୍. ପି.) ମଧ୍ୟ ପ୍ରସ୍ତୁତି କରିଛନ୍ତି ।

## ଜନଶୁଣାଣି (ଧାରା-୫)

ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ୟୁନିଟ –୩୩, ବିସିନାବର ମୌଜାରେ ଗୋଟିଏ ଜନଶୁଣାଣି ବୈଠକ ମଧ୍ୟରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିରେ ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ତଥା ସହରବାସୀମାନେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ପ୍ରସ୍ତାବିତ ଜମିକୁ ପୂର୍ତ୍ତ ଓ ରାସ୍ତା ନିର୍ମାଣ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ତା-୨୩-୦୮-୨୦୨୩ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ Sri Aurobindo Institute of Higher Studies and Research, ମାତୃଭବନ, କଟକ ପ୍ରାଙ୍ଗଣରେ ଜିଲ୍ଲା ପ୍ରଶାସନ ଓ ରିସର୍ଚ ଏଣ୍ଡ ଆନାଲିସିସ କନସୋଲଟାଣ୍ଟସ (ଆର.ଏ.ସି ) ସହିଦନଗର, ଭୁବନେଶ୍ୱର ପ୍ରକଳ୍ପ ରୂପାୟନକାରୀ ତରଫରୁ ଜନଶୁଣାଣି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜନଶୁଣାଣିରେ ସହକାରୀ ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ଡିଭିଜନ -୧, କଟକ, ଭୂ-ଅର୍ଜନ ଅଧିକାରୀ (ପୌର), କଟକ, ଡେପୁଟି ଜିଲ୍ଲାପାଳ, କଟକ, କନିଷ୍ଠ ଯନ୍ତ୍ରୀ, ମେଡିକାଲ ସେକ୍ସନ-୨, ରିସର୍ଚ ଏଣ୍ଡ ଆନାଲିସିସ କନସୋଲଟାଣ୍ଟସ (ଆର.ଏ.ସି ) ପ୍ରକଳ୍ପ ରୂପାୟନକାରୀ ଦଳ ସଂଯୋଜକ ଏବଂ କ୍ଷେତ୍ର ସଂଯୋଜକ ଉପସ୍ଥିତ ଥିଲେ ।

ଉକ୍ତ ଜନଶୁଣାଣି କାର୍ଯ୍ୟରେ ଭୂ-ଅର୍ଜନ ଅଧିକାରୀ (ପୌର), କଟକ ସ୍ୱାଗତ ଭାଷଣ ଦେବା ସହିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପ୍ରକଳ୍ପ ନିମନ୍ତେ କରାଯାଇ ଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ରିସର୍ଚ ଏଣ୍ଡ ଆନାଲିସିସ କନସୋଲଟାଣ୍ଟସ (ଆର.ଏ.ସି) ପ୍ରକଳ୍ପ ରୂପାୟନକାରୀ ଦଳର କ୍ଷେତ୍ର ସଂଯୋଜକ ଏହି ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିବା ସହିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିବରଣୀ ଉପସ୍ଥାପନ କରିଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ମହାଶୟ ୧୮୯୪ ମସିହା ଭୂ-ଅର୍ଜନ ଅଧିଗ୍ରହଣ ଆଇନ ଓ ନୂତନ ଭାବେ ପ୍ରଚଳିତ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ ଆଇନ ୨୦୧୩ ର ଏକ ତୁଳନାତ୍ମକ ରୂପରେଖ ପ୍ରଦାନ କରିଥିଲେ । ରିସର୍ଚ ଏଣ୍ଡ ଆନାଲିସିସ କନସୋଲଟାଣ୍ଟସ (ଆର.ଏ.ସି) ପ୍ରକଳ୍ପ ରୂପାୟନକାରୀ ର ଦଳ ମୁଖ୍ୟ ତଥା କ୍ଷେତ୍ର ସଂଯୋଜକ ଉକ୍ତ ଇଲାକାରେ ପ୍ରଭାବିତ ହେଉଥିବା କ୍ଷତିଗ୍ରସ୍ତ ପରିବାରର ଅସୁବିଧା ଓ ମତାମତ ନେଇ ଆଲୋଚନା କରିଥିଲେ ।

**ପ୍ରଶାସନ ଧାରା – ୬**

ୟୁନିଟ ୩୩, ବିସିନାବର ମୌଜାରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା-୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା-୭ ଉପଧାରା-୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ।**

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ଧାରା-୭ ଉପଧାରା-୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବକ୍ତୋ ପ୍ରକାରେ ପ୍ରକାଶନ ହୋଇଥିବା ସାମଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡ଼ାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ଫ୍ରିଲାନ୍ସ କନସଲଟାଣ୍ଟ, ସାମାଜିକ ବିଶେଷଜ୍ଞ

୨. ମଧୁସ୍ମିତା ବାରିକ, କର୍ପୋରେଟର ୱାର୍ଡ ନଂ-୩୬, କଟକ ମହାନଗର ନିଗମ ପ୍ରତିନିଧି

୩. ଶ୍ରୀଯୁକ୍ତ ଜତୀନ କୁମାର ବେହେରା, କର୍ପୋରେଟର ୱାର୍ଡ଼ ନଂ– ୩୭, କଟକ ମହାନଗର ନିଗମ ପ୍ରତିନିଧି

୪. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୫. ଶ୍ରୀଯୁକ୍ତ କଣ୍ଡରାମ ମାଝୀ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ., ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୬. ଶ୍ରୀଯୁକ୍ତ ଅନୁପ କୁମାର ବେହେରା, ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ), ଡିଭିଜନ କଟକ- ୨, ପ୍ରକଳ୍ପ ବିଶେଷଜ୍ଞ

୭. ଡକ୍ଟର ରାଜେନ୍ଦ୍ର ପରିଚ୍ଛା, ସାମାଜିକ ବିଜ୍ଞାନୀ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ, ଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଯାଇଅଛି ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଆଇନର ଧାରା-୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା: ୧୯-୧୨-୨୦୨୩ ରିଖ ଅପରାହ୍ନ ୫:୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇଥିଲା । ଜିଲ୍ଲାପାଳ , ଅତିରିକ୍ତ ଜିଲ୍ଲାପାଳ ଓ ଭୂ-ଅର୍ଜନ ଅଧିକାରୀ (ପୌର), କଟକ ଉପସ୍ଥିତ ଥିଲେ ।

## ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

କଟକ ସହରସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପ୍ରକଳ୍ପ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜନବସତି ବିସ୍ଥାପନକୁ ଯେପରି ସର୍ବନିମ୍ନରେ ସିମୀତ କରାଯିବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଜନଶୁଣାଣିରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧. ପ୍ରକଳ୍ପ ନିର୍ମାଣରେ ପ୍ରଭାବିତ ମୌଜା ରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ରାସ୍ତା ନିର୍ମାଣ କରି ଗମନାଗମନ ବ୍ୟବସ୍ଥା ସହ ଉଭୟ ପାର୍ଶ୍ୱରେ ସଜ୍ଜିକରଣ ନିମନ୍ତେ ଆବଶ୍ୟକ ରାସ୍ତା କରିବା ପାଇଁ ପୂର୍ତ୍ତ ଓ ରାସ୍ତା ବିଭାଗ କୁ ପ୍ରସ୍ତାବ ଦିଆଯାଇଅଛି।

୨. ପ୍ରକଳ୍ପ ନିର୍ମାଣରେ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ହେଉଥିବା ପ୍ରଜା ମାନଙ୍କୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଏବଂ ORFCTLAR&R ନିୟମ,୨୦୧୬ ରେ ଥିବା ପ୍ରାବଧାନ ମୁତାବକ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଭୂ-ଅର୍ଜନ ଅଧିକାରୀ (ପୌର), କଟକ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୩. ପ୍ରକଳ୍ପ ନିର୍ମାଣ ନିମନ୍ତେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ଜମି/ପ୍ଲଟ ଗୁଡିକ ନିହାତି ଜରୁରୀ ତଥା ଉଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ଡିଭିଜନ -୧, କଟକ ପ୍ରକାଶ କରିଥିଲେ ।

୪. ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ସମ୍ପୂର୍ଣ ଭାବେ ପ୍ରକଳ୍ପ ଆଧାରିତ , ପ୍ଲଟ ଆଧାରିତ ନୁହେଁ । ଉକ୍ତ ଅଧ୍ୟୟନରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ପରିବାରଙ୍କୁ ସଂଶ୍ଳିଷ୍ଟ କରାଯାଇଅଛି ବୋଲି ରିସର୍ଚ ଏଣ୍ଡ ଆନାଲିସିସ କନସୋଲଟାଣ୍ଟସ (ଆର.ଏ.ସି) ପ୍ରକଳ୍ପ ରୂପାୟନକାରୀ ଦଳର ମୁଖ୍ୟ ଜନ ଶୁଣାଣି ସମୟରେ ପ୍ରକାଶ କରିଥିଲେ ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।

କଟକ ସହରସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଏହା ଉକ୍ତ ଚିକିତ୍ସାଳୟ ସହ ସମଗ୍ର ଓଡ଼ିଶା ମଧ୍ୟରେ ଏକ ସଂଯୋଗ ସ୍ଥାପନ କରିବା ସହିତ ଜଗତସିଂହପୁର, କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସହ ଯୋଗାଯୋଗ ହୋଇପାରିବ । ଦୀର୍ଘ ଦିନର ପ୍ରତିକ୍ଷିତ ରାସ୍ତା ନିର୍ମାଣ ଦ୍ୱାରା ଜିଲାର ବିକାଶ ସହ ଗମନାଗମନ ସହିତ ଶିଳ୍ପ ସଂସ୍ଥା ଗଢି ଉଠିବ ବୋଲି ମତବ୍ୟକ୍ତ କରିଛନ୍ତି ।

ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳର ବିକାଶ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କଲେ ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

19/12/2023.

ଅଧ୍ୟକ୍ଷ,
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପୁନର୍ବିନ୍ୟାସ ଉଦ୍ଦେଶ୍ୟରେ ତାଳଦଣ୍ଡା କେନାଲ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପ୍ରକଳ୍ପ

ଶ୍ରୀଯୁକ୍ତ କଣ୍ଠରାମ ମାଝୀ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ., ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ — 19/12/23

ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଲିମା, ସାମାଜିକ ବିଶେଷଜ୍ଞ — ପ୍ରଶାନ୍ତ କୁମାର ଲିମା ୧୯/୧୨/୨୩

ଡକ୍ଟର ରାଜେନ୍ଦ୍ର ପରିଚ୍ଛା, ସାମାଜିକ ବିଜ୍ଞାନୀ — Rajendra Parichha 19/12/23 (ରାଜେନ୍ଦ୍ର ପରିଚ୍ଛା)

ଶ୍ରୀଯୁକ୍ତ ଅନୁପ କୁମାର ବେହେରା, ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ ଗୃହ), ଡିଭିଜନ କଟକ- ୨, ପ୍ରକଳ୍ପ ବିଶେଷଜ୍ଞ — 19/12

ମଧୁସ୍ମିତା ବାରିକ, କର୍ପୋରେଟର ୱାର୍ଡ ନଂ-୩୬, କଟକ ମହାନଗର ନିଗମ ପ୍ରତିନିଧି — ମଧୁସ୍ମିତା ବାରିକ ତା- ୧୯/୧୨/୨୦୨୩

ଶ୍ରୀଯୁକ୍ତ ଜତୀନ କୁମାର ବେହେରା, କର୍ପୋରେଟର ୱାର୍ଡ଼ ନଂ– ୩୭, କଟକ ମହାନଗର ନିଗମ ପ୍ରତିନିଧି — ଜତୀନ କୁମାର ବେହେରା ତା- ୧୯/୧୨/୨୦୨୩

Attendance sheet of members present in the meeting of Independent Multidisciplinary Expert Group held on 19.12.2023 at 5.00 P.M in the Office Chamber of Collector, Cuttack for the acquisition of private land measuring an area of Ac. 0.099 dec.in mouza- Unit 23 Samantasahi and Unit-33 Bisinabar for Improvement and Widening of Taladanda Canal Road for Re-development of SCB Medical College and Hospital, Cuttack

| Sl. No. | Name of the Officer | Designation | Signature | Mobile No. |
|---|---|---|---|---|
| 1 | Debesh Kumar Biswal, OAS, (Retd.) | Chairman-cum-Expert on Rehabilitation | Debesh Biswal | 8280240652<br>8917214704. |
| 2 | Kantharam Majhi, OAS, (Retd.) | Expert on Rehabilitation | 19/12/23 | 9437433868 |
| 3 | Anup Kumar Behera, Superintending Engineer, Cuttack, (R&B) Division-2, Cuttack. | Technical Expert | 19/12/23 | 9437164029 |
| 4 | Prasanna Kumar Lima | Social Scientist | 19/12/23 | 9437943642 |
| 5 | Dr. Rajendra Parichha | Social Scientist | 19/12/23 | 9438673927 |
| 6 | Madhusmita Barik, Corporator, Ward No-36, | Representative of CMC | Madhusmita Barik<br>19.12.2023 | 9438233899 |
| 7 | Jatin Kumar Behera, Corporator, Ward No-37 | Representative of CMC | Behera. | 8637262624 |
| 8 | Deepak Kumar Dash | Project Coordinator RAC | Deepak<br>19/12/23 | 8895553602 |
| 9 | Bibhuti Bhusan Kar | Project/Programme Coordinator RAC | BBKar<br>19/12/23 | 8249306463 |
| 10 | | | | |